ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୯ ସେପ୍ଟେମ୍ବର ୨୦୨୩



## ସଂକ୍ଷେପରେ

### ସାଧନ କେନ୍ଦ୍ରସ୍ତରୀୟ ସହଭାଗୀ ବୈଠକ

ଢେଙ୍କାନାଳ,୧୮ା୯(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଦେଓଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ପ୍ରଧାନ ଶିକ୍ଷକମାନଙ୍କ ତୃତୀୟ ସହଭାଗୀ ବୈଠକ ସଂଯୋଜକ ବିଦ୍ୟାଳୟ ପରିଡାଙ୍କ ତତ୍ତ୍ୱାବଧାନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୯ଟି ସ୍କୁଲର ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ଓସେପା କୋଅର୍ଡିନେଟର ଡ. ପିଭି ଗୌରୀପ୍ରଭା, ପେଡାଗୋଜି କୋଅର୍ଡିନେଟର ଶୁଭଲକ୍ଷ୍ମୀ ସାହୁ, ଟିଚର ଏଜୁକେଟର କଲ୍ୟାଣୀ ସାହୁ, ବିଦୁ ଦେହୁରୀ ଓ ଶିକ୍ଷକ ସୁଦର୍ଶନ ପରିଡା ପ୍ରମୁଖ ଯୋଗଦେଇ ବୈଠକରେ ଲିଟେରାସୀ କିଟ୍, ଟିଚର ଗାଇଡଲାଇନ, ପାଠାଗାରର ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ।

### ଚୋରି ବାଇକ୍ ଉଦ୍ଧାର, ଜଣେ ଗିରଫ

ଢେଙ୍କାନାଳ,୧୮ା୯(ରତନ ନାୟାର)

ଢେଙ୍କାନାଳ ସହର ହାଟରୋଡ୍‌ରୁ ରବିବାର ଚୋରି ହୋଇଥିବା ଏକ ବାଇକ୍‌କୁ ଟାଉନ ଥାନା ପୋଲିସ ସୋମବାର ଉଦ୍ଧାର କରିଛି। ଏଥିସହିତ ଏହି ଘଟଣାରେ ସମ୍ପୃକ୍ତ ସହରସ୍ଥିତ ଭଗବାନପୁର ଅଞ୍ଚଳର ମଦନ ନାଥ(୨୯)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୬୨୧/୨୩ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

# ନୃତ୍ୟକଳା ପ୍ରତି ସମସ୍ତଙ୍କ ଆଗ୍ରହ ବଢୁ



ମୟୂର ଅନୁଷ୍ଠାନର ଅଷ୍ଟମ ସପ୍ତଶଯ୍ୟା ମହୋତ୍ସବ ଅବସରରେ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି।

ଢେଙ୍କାନାଳ,୧୮ା୯(ରତନ ନାୟାର)

**ମୟୂର ଅନୁଷ୍ଠାନର ଅଷ୍ଟମ ସପ୍ତଶଯ୍ୟା ମହୋତ୍ସବ**

ଢେଙ୍କାନାଳସ୍ଥିତ ଗୋପବନ୍ଧୁ ଟାଉନ୍ ହଲ ଠାରେ ସାଂସ୍କୃତିକ ଅନୁଷ୍ଠାନ ମୟୂର ପକ୍ଷରୁ ୮ମ ସପ୍ତଶଯ୍ୟା ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଯୋଗଦେଇ ନୃତ୍ୟକଳା ପ୍ରତି ସମସ୍ତଙ୍କ ସ୍ନେହ ସଦିଚ୍ଛା ଅତୁଟ ରହୁ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ମମତାଞ୍ଜଳି ବେହେରା, ମୁଖ୍ୟବକ୍ତା ଭାବେ ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ଯୋଗଦେଇ ବାଜି ରାଉତ ମାଟିରେ କଳା ସଂସ୍କୃତିକୁ ଉଦ୍‌ଜୀବିତ ରଖିଲେ ଏ ବୀରମାଟି ଧନ୍ୟ ହୋଇପାରିବ ମତବ୍ୟକ୍ତ କରିଥିଲେ। ସମ୍ପାଦକ ବନମାଳି ମଲ୍ଲିକ ବିବରଣୀ ପାଠ କରିଥିଲେ। ସନ୍ଧ୍ୟା ୫ଟା ରୁ ୬ଟା ପର୍ଯ୍ୟନ୍ତ ପଦ୍ମାବତୀ ସାହୁ ଏବଂ ପ୍ରମୋଦ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସାଇ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଦୀପକ କୁମାର ମଲ୍ଲିକ ଏହାକୁ ପରିଚାଳନା କରିଥିଲେ। ରିଙ୍କିଲ୍ ଡ୍ୟାନ୍ସ ଗ୍ରୁପ୍, ସାଧନା ନୃତ୍ୟ କେନ୍ଦ୍ର, ମୟୂରୀ ଡ୍ୟାନ୍ସ ଏକାଡେମୀ ଏବଂ ମୟୂର ଅନୁଷ୍ଠାନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଚନ୍ଦ୍ରାୟନ-୩ରେ ସହଯୋଗ କରିଥିବା ବୈଜ୍ଞାନିକ ରଶ୍ମି ବେହେରାଙ୍କୁ ଶିକ୍ଷା ସମ୍ମାନ, କୈଳାସ ଚନ୍ଦ୍ର ଦେହୁରୀଙ୍କୁ ସେବା ସମ୍ମାନ, ପ୍ରୀତିପୂଜା ବୈଶାଖଙ୍କୁ ନୃତ୍ୟ ସମ୍ମାନ, ଶିବାନୀ ପ୍ରିୟଦର୍ଶିନୀ ନନ୍ଦଙ୍କୁ ସଙ୍ଗୀତ ସମ୍ମାନ, ସୁବାସ ଚନ୍ଦ୍ର ମଲ୍ଲିକଙ୍କୁ ଲୋକକଳା ସମ୍ମାନ ଓ ସୁମିତ୍ରା ରାଉତଙ୍କୁ ନାଟ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟା ଅଧିବେଶନରେ ଲେଖିକା ସଂସଦ ଢେଙ୍କାନାଳ ଶାଖାର ଆବାହିକା ସୁକାନ୍ତି ସାହୁ, ସ୍ୱାଧୀନତା ସଂଗ୍ରାମୀ ଭଜମନ ସାହୁଙ୍କ 'ଗଡଜାତ ଆନ୍ଦୋଳନ'ରେ ତାଙ୍କର ଭୂମିକା ଉପରେ ପ୍ରବନ୍ଧ ପାଠ କରିଥିଲେ।

## ମାତାପିତା ସହଭାଗିତା ବୈଠକ

ଢେଙ୍କାନାଳ,୧୮ା୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ସରଖିଆ ଆଶ୍ରମ ବିଦ୍ୟାଳୟରେ ମାତାପିତା ସହଭାଗିତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଏହି ବିଦ୍ୟାଳୟର ବୈଠକରେ ପ୍ରଧାନ ଶିକ୍ଷକ ଅନିଲ ରଞ୍ଜନ ଦାସ ଅଧ୍ୟକ୍ଷତା କରିଥିଲେ। ସହକାରୀ ଜିଲା ମଙ୍ଗଳ ଅଧିକାରୀ ସୁପ୍ରଭା ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଧାୟକଙ୍କ ପ୍ରତିନିଧି କ୍ଷୀରୋଦ କୁମାର ମିଶ୍ର, କାଙ୍କଡପାଳ ସରପଞ୍ଚ ସୁବାସଚନ୍ଦ୍ର ସ୍ୱାଇଁ, ବିଆର୍‌ସିସି ଦେବବ୍ରତ ନାଥ, ଜ୍ଞାନରଞ୍ଜନ କର, ଆର୍‌ବିଏସ୍‌କେ ବେଲଟିକିରି ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଓମ୍‌ପ୍ରକାଶ ବରାଳ, ମୋ ସ୍କୁଲ ଅଭିଯାନ ସଭାପତି ନୃସିଂହ ଚରଣ ଷେଣ୍ଡ, ଅଧ୍ୟକ୍ଷ ସଞ୍ଜୀବ ଅଭିଳାଶ ମିଶ୍ର, ଜୟନ୍ତ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ରଞ୍ଜିତା ସାହୁ, ସିଡିପିଓ ସରିତା ନାୟକ ପ୍ରମୁଖ ଯୋଗଦେଇ ଶିକ୍ଷକ ଓ ମାତାପିତାଙ୍କ ସହଭାଗିତାରେ ବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରିବ ବୋଲି କହିଥିଲେ। ଶିକ୍ଷକ ନାରାୟଣ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## କଳାକୃତି ଗ୍ରାମରେ ଚାରାରୋପଣ

ଢେଙ୍କାନାଳ,୧୮ା୯(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତର ସଦେଇବେରେଣୀ ନବଜୀବନପୁରସ୍ଥିତ କଳାକୃତି ଗ୍ରାମ ପରିସରରେ ମୃତ୍ତିକା ସରକ୍ଷଣ ବିଭାଗ ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ବିଡିଓ ସୁଧୀର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେଠାରେ ଉପସ୍ଥିତ ଥିବା ଗ୍ରାମବାସୀ ଉତ୍ସାହର ସହିତ ଚାରାରୋପଣ କରିଥିଲେ। ଜିଲାପାଳ ଉପସ୍ଥିତ ଥିବା ଗ୍ରାମବାସୀଙ୍କୁ ଚାରାର ରକ୍ଷଣାବେକ୍ଷଣ କରିବାକୁ ପରାମର୍ଶ ଦେଇଥିଲେ।



କଳାକୃତି ଗ୍ରାମରେ ଚାରାରୋପଣ କରାଯାଉଛି।

## କେନାଲରେ ଭାସିଯାଇ ବୃଦ୍ଧ ମୃତ

କାମାକ୍ଷାନଗର,୧୮ା୯
(ଅମଜାଦ ଖାନ)



ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବୁଢ଼ିବିଲି ପଞ୍ଚାୟତ ଟାଙ୍ଗର ଗ୍ରାମ ଦେଇ ଯାଇଥିବା କେନାଲରେ ସୋମବାର ଭାସିଯାଇ ସେହି ଗ୍ରାମର ଗୋବିନ୍ଦ ମହାରଣା (୭୨)ଙ୍କ ମୃତ୍ୟୁ ହୋଇଛି। ଗୋବିନ୍ଦ କେନାଲକୁ ସକାଳେ ଗାଧୋଇବା ପାଇଁ ଯାଇଥିଲେ। ଅସାବଧାନତାବଶତଃ ଗୋଡ ଖସି ଯିବାରୁ ସେ ସୁଅରେ ଭାସି ଯାଇଥିଲେ। ଖବରପାଇ ପଣ୍ଡୁଆ ଫାଣ୍ଡି ପୋଲିସ ଓ ଦମକଳ ବାହିନୀ ପହଞ୍ଚି ଗୋବିନ୍ଦଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

# ସାରଙ୍ଗଧରଙ୍କ ଜୀବନୀ ଉପରେ ଆଲୋକପାତ

ଢେଙ୍କାନାଳ,୧୮ା୯(ରତନ ନାୟାର)

ନିଖିଳ ଭାରତ ଗଡ଼ଜାତ ପ୍ରଜା ସମ୍ମିଳନୀର ପୂର୍ବତନ ସାଧାରଣ ସମ୍ପାଦକ ତଥା ଢେଙ୍କାନାଳର ପ୍ରଥମ ଏମ୍‌ପି ସାରଙ୍ଗଧର ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଢେଙ୍କାନାଳ ସଦର ବ୍ଲକ ନାଗିଆପଶି ପଞ୍ଚାୟତସ୍ଥିତ ତାଙ୍କ ଜନ୍ମଭୂମି ହରେକୃଷ୍ଣପୁର ଗ୍ରାମରେ ସୋମବାର ପାଳିତ ହୋଇଯାଇଛି। ସାରଙ୍ଗଧର ଟ୍ରଷ୍ଟବୋର୍ଡ ପକ୍ଷରୁ ଆୟୋଜିତ ସ୍ମୃତିସଭାରେ ଢେଙ୍କାନାଳ ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାରଙ୍ଗଧରଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ଯୋଗଦେଇ ସାରଙ୍ଗଧରଙ୍କ ଆଦର୍ଶର ପ୍ରଚାର ପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ନିଆଯିବାକୁ ନିବେଦନ କରିଥିଲେ। ସାରଙ୍ଗଧରଙ୍କ ଭଣଜା ସ୍ୱର୍ଗତ ନରୋତ୍ତମ ଦାସଙ୍କ ନାତି ତଥା ଟ୍ରଷ୍ଟବୋର୍ଡ ସଭ୍ୟ ହରିଶ୍ ଚନ୍ଦ୍ର ଦାସ ପିଣ୍ଡଦାନ କରିଥିଲେ। ଅନ୍ୟତମ ଟ୍ରଷ୍ଟି ସ୍ୱର୍ଗତ ଯୋଗେନ୍ଦ୍ର ନାଥ ତ୍ରିପାଠୀଙ୍କ କନିଷ୍ଠ ପୁତ୍ର ଜୟ ପ୍ରକାଶ ତ୍ରିପାଠୀ ସ୍ମୃତି ସଭାରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ସଭ୍ୟ ସାଗରିକା ମିଶ୍ର, ସାରଙ୍ଗଧର ସେବା ପରିଷଦ ସଭାପତି ଚିତ୍ତରଞ୍ଜନ ପୁହାଣ, ବିଶ୍ୱଜିତ ନାୟକ ଓ ବଜରଙ୍ଗ କ୍ଲବ ସମ୍ପାଦକ ତଥା କାଉନସିଲର ସନ୍ଦୀପ ଷଡ଼ଙ୍ଗୀ ପ୍ରମୁଖ ସାରଙ୍ଗଧରଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ହରେକୃଷ୍ଣପୁରରେ ସାରଙ୍ଗଧର ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଉଛି।

## ନ୍ୟାୟ ଦାବିରେ ଉପଜିଲାପାଳଙ୍କୁ ଦାବିପତ୍ର

କାମାକ୍ଷାନଗର,୧୮ା୯(ଅମଜାଦ ଖାନ)

କାମାକ୍ଷାନଗର ଉପଖଣ୍ଡ ପରଜଙ୍ଗ ବ୍ଲକର ଜଣେ ଗଣମାଧମ ପ୍ରତିନିଧିଙ୍କୁ ବ୍ଲକ ପ୍ରକଳ୍ପ ସଂଯୋଜକ (ବିପିସି) ସଞ୍ଜୀବ ଜେନା ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିବାରୁ ଏ ନେଇ କାମାକ୍ଷାନଗର ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ସୋମବାର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ବିପିସିଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ସହିତ ସମ୍ପୃକ୍ତ ଗଣମାଧମ ପ୍ରତିନିଧିଙ୍କୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ସଂଘ ସଭାପତି ଶୁଭମୟ ନନ୍ଦ, ସାଧାରଣ ସମ୍ପାଦକ ପ୍ରକାଶ ପାତ୍ର, ପ୍ରହ୍ଲାଦ ମୁଦୁଲି, ଦୈତାରୀ ବେହେରା, ସୌମ୍ୟରଞ୍ଜନ ନାୟକ, ସୁମନ୍ତ ଜେନା, କୋଷାଧ୍ୟକ୍ଷ ସୁମିତ୍ରା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ବୃଦ୍ଧଙ୍କୁ ପକ୍କାଘର ପ୍ରଦାନ ଦାବି

କାମାକ୍ଷାନଗର,୧୮ା୯(ଅମଜାଦ ଖାନ)

ବୟସର ଅପରାହ୍ନରେ ପହଞ୍ଚିଥିଲେ ବି ପରିବାର ଚଳାଇବା ପାଇଁ ଦୈନିକ ସଂଘର୍ଷ କରିବାକୁ ପଡୁଛି ଦିବ୍ୟାଙ୍ଗ ବୃଦ୍ଧ ବ୍ରହ୍ମାନନ୍ଦ ପ୍ରଧାନ(୭୦)ଙ୍କୁ। କାରଣ ଘରେ ଥିବା ୨ ଭେଣ୍ଡିଆ ପୁଅ ମାନସିକ ଅନଗ୍ରସର। ତେଣୁ ସମସ୍ତଙ୍କ ପେଟକୁ ଦାନା ଦେବାକୁ ତାଙ୍କୁ ଗାଁ ଗାଁ ଟ୍ରାଇସାଇକେଲରେ ବୁଲି ଭିକ୍ଷା ମାଗିବାକୁ ପଡୁଛି। ସରକାରଙ୍କ ପକ୍ଷରୁ ଭତ୍ତା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ତାଙ୍କୁ ସାମିଲ କରାଯାଇଛି ସିନା ହେଲେ ପକ୍କା ଘର ଖଣ୍ଡେ ମିଳିପାରି ନାହିଁ। ସେଥିପାଇଁ ବର୍ଷ ତମାମ ତାଙ୍କୁ ବେଶ୍ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ସରକାର ପକ୍କା ଘରଟିଏ ପ୍ରଦାନ କରିବାକୁ ବ୍ରହ୍ମାନନ୍ଦ ଦାବି କରିଥିବା ବେଳେ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ସାହୁ ଏ ସମ୍ପର୍କରେ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ବ୍ରହ୍ମାନନ୍ଦଙ୍କ ଘର କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ଥାନା କୁଟୁରିଆ ପଞ୍ଚାୟତର ମାଟିଆଗୁଡ଼ି ସାହିରେ। ବ୍ରହ୍ମାନନ୍ଦଙ୍କ କହିବା ଅନୁଯାୟୀ, ୫ ବର୍ଷ ତଳେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଯାଇଛି। ବଡ଼ ପୁଅ ସରୋଜ(୩୫) ଏବଂ ସାନ ପୁଅ ଗୋବର୍ଦ୍ଧନ (୩୦) ମାନସିକ ଭାବେ ଭିନ୍ନକ୍ଷମ। ତେଣୁ ପରିବାରର ବୋଝ ଏବେ ବି ତାଙ୍କୁ ଉଠାଇବାକୁ ପଡୁଛି। ସରକାର ଯୋଗାଇ ଦେଇଥିବା ଟ୍ରାଇସାଇକେଲ ଭାଙ୍ଗି ଯାଇଥିଲେ ବି ସେଥିରେ ସେ ଗାଁ ବୁଲି ଭିକ୍ଷାବୃତ୍ତି କରିବାକୁ ବାଧ୍ୟ ହେଉଛନ୍ତି। ଝାଟିମାଟି ଘରର ଚାଳ ଛପର ଠିକ୍ ନ ଥିବାରୁ ବର୍ଷାବେଳେ ତାଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଛପର ଉପରେ ଜରିପାଲ ଖଣ୍ଡିଏ ପକାଇବା ପାଇଁ ୫ କିଲୋମିଟର ଦୂର ମହାବିରୋଡ ଆର୍‌ଆଇ ସର୍କଲ କାର୍ଯ୍ୟାଳୟକୁ ବାରମ୍ବାର ଆସିବାକୁ ପଡୁଛି। ତେଣୁ ପ୍ରଶାସନ ତାଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ପକ୍କା ଘର ଓ ନୂଆ ଟ୍ରାଇସାଇକେଲଟିଏ ଯୋଗାଇ ଦେବାକୁ ସାମାଜିକ କର୍ମୀ ସାହୁ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ କଙ୍କଡ଼ାହାଡ଼ ବିଡିଓ ଯଶୋବନ୍ତ ଦେହୁରୀ କହିଛନ୍ତି, ଘଟଣା ସମ୍ପର୍କରେ ଅବଗତ ଅଛି। ଖୁବ୍‌ଶୀଘ୍ର ତଦନ୍ତ କରି ପଦକ୍ଷେପ ନିଆଯିବ।



ଭଙ୍ଗା ଟ୍ରାଇସାଇକେଲ ଚଳାଇ ଯାଉଛନ୍ତି ବ୍ରହ୍ମାନନ୍ଦ।

## ଗୋଲ୍ଡ ଷ୍ଟାର୍ କ୍ଲବ ପକ୍ଷରୁ ଦେବଶିଳ୍ପୀଙ୍କ ପୂଜା

ଢେଙ୍କାନାଳ,୧୮ା୯(ରତନ ନାୟାର)

ଢେଙ୍କାନାଳ ମୀନାବଜାରଠାରେ ବଣିଆ ସଂଘ ଗୋଲ୍ଡ ଷ୍ଟାର କ୍ଲବ୍ ପକ୍ଷରୁ ୩୭ ତମ ବିଶ୍ୱକର୍ମା ପୂଜା ମହାଆଡମ୍ବର ସହ ପାଳିତ ହେଉଛି। ପ୍ରାତଃରୁ କଳସ ଯାତ୍ରା କରାଯିବା ପରେ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ଦ୍ୱାରା ପୂଜା ସମ୍ପାଦନ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଭୋଗ, ମଣ୍ଡଳ ପୂଜା ଓ ବିଭିନ୍ନ ରୀତିନୀତି ସହ ପୂଜା କରାଯାଇଥିଲା। ଏହାପରେ ବହୁ ପ୍ରକାର ଭୋଗ ଲାଗି ହୋଇଥିଲା। ଏହି ପୂଜା ୪ଦିନ ପର୍ଯ୍ୟନ୍ତ ଚାଲିବ ଓ ଆସନ୍ତା ୨୦ ତାରିଖ ବୁଧବାର ବିସର୍ଜନ ଉତ୍ସବ ଅନୁଷ୍ଠିତ ହେବ। କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି।



ଗୋଲ୍ଡ ଷ୍ଟାର୍ କ୍ଲବ ପକ୍ଷରୁ ବିଶ୍ୱକର୍ମା ପୂଜା ପାଳନ କରାଯାଉଛି।

# ୩୭ ମଣ୍ଡପରେ ଗଜାନନଙ୍କୁ ଆବାହନ

ଢେଙ୍କାନାଳ,୧୮ା୯(ରତନ ନାୟାର)

**୨୪ ଯାଏ ଚାଲିବ ଢେଙ୍କାନାଳରେ ଗଣେଶ ପୂଜା**

ଢେଙ୍କାନାଳ ସହରରେ ମଙ୍ଗଳବାର ବିଘ୍ନ ବିନାଶକ ଶ୍ରୀଗଣେଶଙ୍କ ପୂଜା ଉତ୍ସବ ଧୁମଧାମରେ ଆରମ୍ଭ ହେବ। ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ୨୫ ତାରିଖରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ। ଚଳିତବର୍ଷ ୩୭ଟି ପୂଜା ଅନୁଷ୍ଠାନରେ ଗଣେଶ ପୂଜା ଅନୁଷ୍ଠିତ ହେବ। ବିଭିନ୍ନ ପ୍ରକାର ପୌରାଣିକ କଥାବସ୍ତୁ, ସାମାଜିକ ବ୍ୟବସ୍ଥା ଓ ପରିବେଶ ଆଦିକୁ ନେଇ ଅଧିକାଂଶ ପୂଜା ଅନୁଷ୍ଠାନକୁ ସାଜସଜ୍ଜା କରାଯାଇଛି। ଚଳିତବର୍ଷ ଗଣେଶ ବଜାର, ମହାବୀର ବଜାର, ଡାଇମଣ୍ଡ କ୍ଲବ ଲକ୍ଷ୍ମୀବଜାର, ଜବାହାରଚୌକ, ଗାନ୍ଧୀମନ୍ଦିର ରୋଡ୍, ୫ଷ୍ଟାର କ୍ଲବ, ମୀନାବଜାର ମହାବୀର କ୍ଲବ ପୋଡାପୋଖରୀ, କାଞ୍ଚନ ବଜାର, ରାଇଜିଂଷ୍ଟାର କ୍ଲବ କୁମ୍ଭାରସାହି, ବ୍ଲାକ ଡାଇମଣ୍ଡ କ୍ଲବ କୁମ୍ଭାରସାହି, ଆନନ୍ଦ ବଜାର, ବାଜିଚୌକ, ଜୟ ଜଗନ୍ନାଥ କ୍ଲବ ଚନ୍ଦନ ବଜାର, ମହାଲକ୍ଷ୍ମୀ କ୍ଲବ କାରିଗର ସାହି, ମେନରୋଡ କାରିଗର ସାହି, ରାଧାକୃଷ୍ଣ ବଜାର, ସୁପର ଟାଇଗର କ୍ଲବ ଟାଉନ ପ୍ଲାନିଂ, ପଦ୍ମଶ୍ରୀ କ୍ଲବ ପଦ୍ମବଜାର, ଇଣ୍ଡିଆନ କ୍ଲବ ଗୋପବନ୍ଧୁ ବଜାର, ରତ୍ନେଶ୍ୱରୀ କ୍ଲବ ରତ୍ନବଜାର, ଇଲେଭେନ କ୍ଲବ ଷ୍ଟେଶନ ବଜାର, ଜୟ ଜଗନ୍ନାଥ କ୍ଲବ ରାମେଶ୍ୱରପୁର, ରୟାଲ କ୍ଲବ, ମହାବୀର ୟୁଥ କ୍ଲବ ସିମିଳିଆ, କାଳିକାନଗର ଦକ୍ଷୀଣକାଳୀ ରୋଡ, ବିକାଶ ୟୁଥ କ୍ଲବ ଖମାରସାହି, ବଜରଙ୍ଗ କ୍ଲବ କୈବଲ୍ଯ ବଜାର, ନେତାଜୀ କ୍ଲବ ଦେଉଳସାହି, ତ୍ରିନାଥ ୟୁଥ କ୍ଲବ ଦଣ୍ଡାସାହି, ୟୁନିଟ କ୍ଲବ ଜୁବୁଲିଟାଉନ, ଜଜମେଣ୍ଟ କ୍ଲବ ଦୁର୍ଗାବଜାର, ଭାଗୀରଥି ଯୁବକ ସଂଘ ଭାଗୀରଥି ବିହାର, ଗୋଲଡେନ୍‌ଷ୍ଟ୍ରିଟ୍ ଗୁଡିଆନାଳୀ, ଇମେଜ୍ କ୍ଲବ ଚାନ୍ଦମାରୀ ସାହି, ବୁଲେଟ୍-୧୧ କ୍ଲବ ଚଣ୍ଡିଆସାହି, କ୍ରିଷ୍ଣାବଜାର କୁଞ୍ଜକାନ୍ତ ଓ ମା' ସୁନ୍ଦରଗୁଣୀ କଲେଜ ବଜାର ପୂଜା ପ୍ରତିଷ୍ଠାନରେ ପୂଜା ପାଳନ ହେବ ବୋଲି ମିଳିତ ଗଣେଶ ପୂଜା କମିଟି ସଭାପତି ସୁଧାଂଶୁ କୁମାର ଦଳେଇ ଓ ସମ୍ପାଦକ ବିଶ୍ୱନାଥ ବେହେରା ସୂଚନା ଦେଇଛନ୍ତି। ଶାନ୍ତିଶୃଙ୍ଖଳାର ସହ ପୂଜା ଓ ଭସାଣି ଉତ୍ସବ ସମାପନ କରିବା ପାଇଁ ସଭାପତି ଓ ସମ୍ପାଦକ ସମସ୍ତ ପୂଜା ଅନୁଷ୍ଠାନକୁ ନିବେଦନ କରିଛନ୍ତି। ଆସନ୍ତା ୨୫ ତାରିଖରେ ସକାଳ ଭସାଣି ଉତ୍ସବ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ମଧ୍ୟରେ ଶେଷ ହେବ ବୋଲି ଜଣାପଡିଛି।

## ଟ୍ୟାକ୍ସି ଓନର୍ସ ଆସୋସିଏଶନ ପକ୍ଷରୁ ବିଶ୍ୱକର୍ମା ପୂଜା



ଟ୍ୟାକ୍ସି ଓନର୍ସ ଆସୋସିଏଶନ ପକ୍ଷରୁ ବିଶ୍ୱକର୍ମା ପୂଜା ପାଳନ କରାଯାଉଛି।

ଢେଙ୍କାନାଳ,୧୮ା୯(ରତନ ନାୟାର)

ଢେଙ୍କାନାଳ ଅମଲାପଡା ବସ୍‌ଷ୍ଟାଣ୍ଡଠାରେ ଟ୍ୟାକ୍ସି ଓନର୍ସ ଆସୋସିଏଶନ ପକ୍ଷରୁ ବିଶ୍ୱକର୍ମ ପୂଜା ପାଳିତ ହୋଇଯାଇଛି। ପ୍ରାତଃରେ କଳସ ସ୍ଥାପନ, ସୂର୍ଯ୍ୟ ପୂଜା, ମଣ୍ଡଳ ପୂଜା ସହିତ ଦିବା ୧୨ ଘଟିକାରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଅପରାହ୍ନ ୨ ଘଟିକାରେ ଭକ୍ତମାନେ ପ୍ରସାଦସେବନ କରିଥିଲେ। ଟ୍ୟାକ୍ସି ଆସୋସିଏଶନର ସଭାପତି ନରେଶ କୁମାର ସିଂ ଓ ସମ୍ପାଦକ ଚିନ୍ମୟ କୁମାର ରାଉତଙ୍କ ତତ୍ତ୍ୱାବଧାନରେ କର୍ମକର୍ତ୍ତା ସରୋଜ କୁମାର ମହାପାତ୍ର, ଯୁଗଳଧର ଚକ୍ର, ନବ କିଶୋର ଦାସ, ଦୁଃଶାସନ ସିଂ ଓ ଅନ୍ୟାନ୍ୟ ସଭ୍ୟ ବୃନ୍ଦ ଉପସ୍ଥିତ ରହି ପୂଜା ପରିଚାଳନା କରିଥିଲେ।

## ନାଲ୍‌କୋନଗରରେ ବିଶ୍ୱନିୟନ୍ତାଙ୍କ ପୂଜାର ଝଲକ




ନାଲ୍‌କୋ ବେକ୍‌ଓଭେନ ପକ୍ଷରୁ ବିଶ୍ୱକର୍ମା ପୂଜା।



ନାଲ୍‌କୋ କାର୍ବନଏରିଆ ମେକାନିକାଲ ପକ୍ଷରୁ ବିଶ୍ୱକର୍ମା ପୂଜା।



ନାଲ୍‌କୋ ଅପରେଶନ ସିପିପି ପକ୍ଷରୁ ବିଶ୍ୱକର୍ମା ପୂଜା। (ଫଟୋ- ଉପେନ୍ଦ୍ର ରାଉତ)

**ନୂଆଁପଡ଼ା, ଘୁଣ୍ଟୁଳିପଶିରେ ହାତୀ ଉପଦ୍ରବ**

ଛେଣ୍ଡିପଦା,(ଅଜିତ ଧଳ): ଛେଣ୍ଡିପଦା ବନାଞ୍ଚଳ ନୂଆଁପଡା ଓ ଘୁଣ୍ଟୁଳିପଶି ଗ୍ରାମରେ ସୋମବାର ୨ ଦନ୍ତା ହାତୀ ଉପଦ୍ରବ ଚଳାଇଛନ୍ତି। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ନୂଆଁପଡା ଗ୍ରାମରେ ସକାଳେ ଏକ ହାତୀ ପଶି ବ୍ୟାପକ ଧାନ ଫସଲ ନଷ୍ଟ କରିଥିଲା। ଖବରପାଇ ବନ କର୍ମଚାରୀ ପହଞ୍ଚିଥିଲେ ହେଁ ଘଉଡାଇବାରେ ବିଫଳ ହୋଇଥିଲେ। ହାତୀଟି ଗ୍ରାମ ନିକଟସ୍ଥ କାଜୁ ବଗିଚାରେ ରହିଥିବା ଜଣାପଡ଼ିଛି। ସେହିପରି ଘୁଣ୍ଟୁଳିପଶି ଗ୍ରାମରେ ଦନ୍ତାହାତୀ ପଶି ବସନ୍ତ ନାଏକଙ୍କ ଘର, ବିଦ୍ୟାଧର ସାହୁଙ୍କ ଦୋକାନ ଭାଙ୍ଗି ଦେଇଛି। ତୁରନ୍ତ ହାତୀ ଘଉଡାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ସାମଗ୍ରୀ ଫୋପାଡି ନଷ୍ଟ ଅଭିଯୋଗ

ଛେଣ୍ଡିପଦା,୧୮।୯(ଅଜିତ ଧଳ)

ଜମିଜମା ଭାଗକୁ ନେଇ ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା କଙ୍କରାଇ ଗ୍ରାମର ଶଙ୍କର ପ୍ରଧାନ ତାଙ୍କ ଭାଇ ଖଗେଶ୍ୱର ପ୍ରଧାନଙ୍କ ଦୋକାନରୁ ବିଭିନ୍ନ ସାମଗ୍ରୀ ଫୋପାଡ଼ି ଦେଇଥିବା ନିଶା ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୬୬/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିଛି, କଙ୍କରାଇ ଗ୍ରାମର ପର୍ଶୁଧର ପ୍ରଧାନ, ଶଙ୍କର ପ୍ରଧାନ ଓ ଖଗେଶ୍ୱର ପ୍ରଧାନ ୩ଭାଇ। ରାସ୍ତା ପାର୍ଶ୍ୱରେ ସେମାନଙ୍କ ଏକ ବଖରା ଘର ଥିବାବେଳେ ସେଠାରେ ମା' ଓ ଭଉଣୀ ରହି ଦୋକାନ ଦେଇଛନ୍ତି। ସେହି ଘର ପାଖରେ ଖଗେଶ୍ୱର ତାଙ୍କର ଭାଗ ପାଇଛନ୍ତି। କିଛି ଦୂରରେ ଅନ୍ୟ ୨ ଭାଇ ଭାଗ ପାଇଛନ୍ତି। ଖଗେଶ୍ୱର ଓ ତାଙ୍କ ସ୍ତ୍ରୀ ଅର୍ଚ୍ଚନା ଉକ୍ତ ଏକ ବଖରିଆ ଘର ତିଆରି କରିଥିବା ବେଳେ ସେଠାରେ ମା' ଓ ଭଉଣୀ ତାଙ୍କ ସହ ମିଶି ଦୋକାନ ଦେଇଛନ୍ତି। କିନ୍ତୁ ଅନ୍ୟ ୨ଭାଇ ଗଣ୍ଡଗୋଳ କରି ସେହି ଘରୁ ଭାଗ ମାଗିଥିଲେ। ଖର୍ଚ୍ଚ ଦେଇ ଭାଗ ନେବାକୁ ଖଗେଶ୍ୱର ଓ ସ୍ତ୍ରୀ ଅର୍ଚ୍ଚନା କହିବାରୁ ଅନ୍ୟ ୨ ଭାଇ ଗଣ୍ଡଗୋଳ କରିଥିଲେ। ଏପରିକି ମଦ୍ୟପାନ କରି ଶଙ୍କର ଦୋକାନ ପାଖକୁ ଆସି ଗାଳିଗୁଲଜ କରିବା ସହ ସାମଗ୍ରୀ ଫାପାଡି ଦେଇଥିବା ଅର୍ଚ୍ଚନା ଅଭିଯୋଗରେ ଦର୍ଶାଇଛନ୍ତି।

# ଅଗ୍ରପୂଜ୍ୟଙ୍କ ଆବାହନ ନେଇ ଉତ୍ସାହ



ଅନୁଗୋଳ,୧୮।୯(ଅମିତ କୁମାର ସାମଲ)

ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ଆବାହନ ପାଇଁ ପ୍ରସ୍ତୁତ ହୋଇସାରିଛି ଅନୁଗୋଳ। ସହରରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ପୂଜା କମିଟି, କ୍ଲବରେ ଏହାକୁ ନେଇ ଉତ୍ସାହ ପରିଲକ୍ଷିତ ହୋଇଛି। ମଙ୍ଗଳବାର ସକାଳୁ ପୂଜା ଆରମ୍ଭ ହୋଇଯିବାକୁ ଥିବାରୁ ଏଥିପାଇଁ ସମସ୍ତ ସାଜସଜ୍ଜା ଶେଷ ହୋଇଛି। ରଙ୍ଗବେରଙ୍ଗର ଆଲୋକମାଳାରେ ସହର ସଜେଇ ହୋଇସାରିଛି। ସହରର ୨୨ଟି

**ଅନୁଗୋଳ ସହରର ୨୨ କ୍ଲବରେ ଧୁମଧାମରେ ହେବ ପୂଜା**

କ୍ଲବରେ ଏଥର ଧୁମଧାମରେ ଗଜାନନଙ୍କ ପୂଜା ପାଳନ କରାଯିବ। ଏପରି କି ଚଳିତ ବର୍ଷ ପୂଜାରେ ପାଖାପାଖି କୋଟିଏରୁ ଅଧିକ ଟଙ୍କାର ବଜେଟ ରହିଥିବା ଜଣାପଡିଛି। ସହରର ଶିମିଳିପଡ଼ା, ଅମଲାପଡ଼ା, ବଜାର ଛକ, ତାମ୍ରିତ କଲୋନୀ, ହୁଲୁରିସିଂହା, ରାଜକିଶୋରପଡ଼ା, ହେମସରପଡ଼ା, ରାଧାରମଣପଡା, ମିଶ୍ରପଡା, ହାକିମପଡା ଓ କଲେଜ ଛକ, ତୁରଙ୍ଗ, କାଲଟାକ୍ସ ଛକ ଆଦି ବହୁ ସ୍ଥାନରେ ଜାକଜମକରେ ପୂଜା, ପାଳନ କରାଯିବ। ଏଥିପାଇଁ ପ୍ରତି ମଣ୍ଡପରେ ଲକ୍ଷାଧିକ ଟଙ୍କାର ବଜେଟ କରାଯାଇଛି। ପୂଜା ସହ ପ୍ରାୟ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ରହିଛି। ଏଥିସହ ଅନ୍ନପ୍ରସାଦ, ପରିବେଶ ସଚେତନତା କାର୍ଯ୍ୟକ୍ରମ ଆଦି କରାଯିବ ବୋଲି ଯୋଜନା ରଖାଯାଇଛି।

## ୭୦ରୁ ଅଧିକ ମଣ୍ଡପରେ ବିରାଜିବେ ଗଜାନନ

**ଗଣପର୍ବ ଗଣେଶ ପୂଜା ପାଇଁ ତାଲଚେର ପ୍ରସ୍ତୁତ**

ତାଲଚେର,୧୮।୯(ମନୋଜ ନନ୍ଦ)

ଗଣପର୍ବ ଗଣେଶ ପୂଜା ପାଇଁ ତାଲଚେରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମଙ୍ଗଳବାର ସକାଳୁ ସହରର ବିଭିନ୍ନ ସ୍ଥାନରେ ଗଜାନନଙ୍କ ଆବାହନ ଆରମ୍ଭ ହୋଇଯିବାକୁ ଥିବାରୁ ଏ ନେଇ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି। ପ୍ରତ୍ୟେକ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ମଣ୍ଡପ ନିର୍ମାଣ, ସାଜସଜ୍ଜା, ଅଲୋକୀକରଣ ଉପରେ ଜୋର୍ ଦିଆଯାଇଛି। ଏଥିପାଇଁ କୋଲକାତାର କାରିଗରମାନଙ୍କୁ ଅଣାଯାଇ କାମରେ ଲଗାଯାଇଛି। ଚଳିତବର୍ଷ ପାଖାପାଖି ୭୦ରୁ ଅଧିକ ମଣ୍ଡପରେ ବିଦ୍ୟାଦାତାଙ୍କ ପୂଜା ୧୧ ଦିନ ଧରି ଅନୁଷ୍ଠିତ ହେବ। ବିଧି ଅନୁଯାୟୀ ପ୍ରଥମେ ତାଲଚେରର ଗଜାନନଙ୍କ ମନ୍ଦିରରେ ପୂଜା ଆରମ୍ଭ ହେବ। ଏହାପରେ ସମସ୍ତ ପୂଜା ମଣ୍ଡପରେ ପୂଜା କରାଯିବ। ପୂଜା ଦେଖିବାକୁ ଦୈନିକ ସହସ୍ରାଧିକ ଲୋକଙ୍କ ଗହଳି ହେବାକୁ ଥିବାରୁ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଶ୍ରଦ୍ଧାଳୁ ମାନେ କିଭଳି ଶାନ୍ତି ଶୃଙ୍ଖଳା ସହିତ ଗଜାନନଙ୍କୁ ଦର୍ଶନ କରିବେ ସେ ନେଇ ସମସ୍ତ ବ୍ୟବସ୍ଥା କରାଯାଇଛି।

# ହାତୀ ନ ଘଉଡ଼ାଇଲେ ଆନ୍ଦୋଳନ



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ସାମାଜିକ ସୁରକ୍ଷା ମଞ୍ଚର କର୍ମକର୍ତ୍ତାମାନେ।

ଅନୁଗୋଳ,୧୮।୯
(ଅମିତ କୁମାର ସାମଲ)

ଅନୁଗୋଳ ଉପଖଣ୍ଡର ୧୨୮ ଗ୍ରାମକୁ ଗଜମୁକ୍ତ କରାଯାଉ। ଗାଁରେ ପଶୁଥିବା ହାତୀଙ୍କୁ ଘଉଡ଼ାଯିବା ସହ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଅନୁଗୋଳ ବନ୍ତଳାସ୍ଥିତ ସାମାଜିକ ସୁରକ୍ଷା ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ମଞ୍ଚ ଦର୍ଶାଇଛି, ବନ୍ୟଜନ୍ତୁ ତଥା ହାତୀପଲ ଜନପଦକୁ ଆସି ଧନଜୀବନ ନଷ୍ଟ କରିବା ସହ ୨୮ ଜଣଙ୍କ ଜୀବନ ନେଲେଣି। ହାତୀପଲ ଗାଁ ଭିତରେ ପଶି ଘର ଭାଙ୍ଗିବା ସହ ଦିନରାତି ଗାଁ ନିକଟରେ ବୁଲୁଥିବାରୁ ଲୋକେ ଜୀବନ ଜୀବିକା ହରାଇବା ସହ ପିଲାମାନଙ୍କୁ ସ୍କୁଲ ଛାଡ଼ିବାକୁ ଭୟ କରୁଛନ୍ତି। ଜଙ୍ଗଲ ଜନ୍ତୁ ଚାଷ ଜମିରେ ପଶି ଫସଲ ନଷ୍ଟ କରୁଥିଲେ ମଧ କ୍ଷତିପୂରଣ ମିଳୁନାହିଁ। ଫଳରେ ଅଞ୍ଚଳର ୮୦ ପ୍ରତିଶତ ଜମି ପଡ଼ିଆ ପଡ଼ିଲାଣି। ବିଭିନ୍ନ ସଂସ୍ଥା ଓ କଳକାରଖାନାରେ କାମ କରୁଥିବା ଶ୍ରମିକ ହାତୀ ଭୟରେ କାମ ଛାଡ଼ିବାକୁ ବସିଲେଣି। ହାତୀପଲ ଚାଷ ନଷ୍ଟ କରିଦେଉଥିବାରୁ ଚାଷୀମାନେ ଘର କିପରି ଚଳାଇବେ ତାହାକୁ ନେଇ ଚିନ୍ତାରେ ଅଛନ୍ତି। ବିଭିନ୍ନ ସମୟରେ ଆନ୍ଦୋଳନ ବେଳେ ବନଖଣ୍ଡ ଅଧିକାରୀମାନେ ଦେଉଥିବା ପ୍ରତିଶ୍ରୁତି ପାଳନ କରାଯାଉ ନାହିଁ। ଏହା ପୂର୍ବରୁ ଜନପ୍ରତିନିଧିଙ୍କ ମାଧ୍ୟମରେ ବନଖଣ୍ଡ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ତେଣୁ ଅଞ୍ଚଳର ଧନଜୀବନର ସୁରକ୍ଷା ପାଇଁ ୭ ଦିନ ମଧରେ ହାତୀ ପଲଙ୍କୁ ଘଉଡ଼ାଇବା ସହ କ୍ଷୟକ୍ଷତି ହୋଇଥିବା ଫସଲର ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ କରାଯିବା ଓ ଅଞ୍ଚଳକୁ ଗଜମୁକ୍ତ କରାଯିବାକୁ ଦାବି କରାଯାଇଛି। ନଚେତ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

# ହିନ୍ଦୀ ଦିବସର ଆବଶ୍ୟକତା ଉପରେ ଆଲୋକପାତ

ଅନୁଗୋଳ,୧୮।୯
(ଅମିତ କୁମାର ସାମଲ)

ଅନୁଗୋଳ ପଞ୍ଚମହଲା ଆଦର୍ଶବିହାରସ୍ଥିତ ଆଦର୍ଶ ଇଣ୍ଟର ନ୍ୟାଶନାଲ ସ୍କୁଲରେ ପ୍ରତିଷ୍ଠାତା ଚେୟାରମ୍ୟାନ ତଥା ବିଶିଷ୍ଟ ଶିକ୍ଷାବିତ୍ ଡ. ମହେଶ ଚନ୍ଦ୍ର ଧଳଙ୍କ ତତ୍ତ୍ୱାବଧାନରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ସ୍ୱାଗତ ଭାଷଣ ଦେବା ପରେ ଛାତ୍ର ମୟଙ୍କ ତିୱାରୀ, ପ୍ରୀତିଶ କର, ଅନନ୍ୟା ଆୟୁସ୍ମିତା ପ୍ରଧାନ ହିନ୍ଦୀ ଦିବସର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଅଧ୍ୟାପକ ଛୋଟଲାଲ ଲେହେର ଓ ଶିକ୍ଷୟିତ୍ରୀ କେ. ପୂଜା ହିନ୍ଦୀ ଦିବସର ତାତ୍ପର୍ଯ୍ୟ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୨ୟ ଶ୍ରେଣୀର ଛାତ୍ର ଶୁଭ୍ରଜିତ୍ ସାହୁ ଓ ପଞ୍ଚମ ଶ୍ରେଣୀ ଛାତ୍ରୀ ସ୍ୱୟଂପ୍ରଭା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିସିଏ ସଂଯୋଜକ ଘନଶ୍ୟାମ ପାଳ ଓ ସଂଯୋଜିକା ଶିକ୍ଷୟିତ୍ରୀ ରିନା ସେନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆଦର୍ଶ ଇଣ୍ଟର ନ୍ୟାଶନାଲ ସ୍କୁଲରେ ହିନ୍ଦୀ ଦିବସ ପାଳନ କରାଯାଉଛି।

# ଦକ୍ଷତା ବୃଦ୍ଧି ନିମନ୍ତେ ସଚେତନତା




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଗୋଷ୍ଠୀ ସଦସ୍ୟମାନେ।

ତାଲଚେର,୧୮।୯ (ମନୋଜ ନନ୍ଦ)

ତାଲଚେର ବ୍ଲକ ବନ୍ତୁଲ ପଞ୍ଚାୟତ ବଙ୍ଗୁସ୍ଥିତ ଶନିମନ୍ଦିର ଠାରେ ତାଳପତ୍ରର ପଟ୍ଟଚିତ୍ର ଉପରେ ଉଦ୍ୟୋଗ ବିକାଶ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋସିଆଲ ଡେଭେଲପମେଣ୍ଟ ଫାଉଣ୍ଡେଶନ ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଗୋଷ୍ଠୀ ସାଧନ ବ୍ୟକ୍ତି, ମିଶନଶକ୍ତି କର୍ମକର୍ତ୍ତା ଉପସ୍ଥିତ ରହି ବିଲୁପ୍ତ ତଥା ହଜିଯାଉଥିବା କଳା ଯେପରିକି ପଟ୍ଟଚିତ୍ର, ତାଳପତ୍ର ଖୋଦେଇ, ଚାନ୍ଦୁଆ, ଡୋକ୍ରା, ଟେରାକୋଟା, ଝୋଟ, ବାଉଁଶ, ସବାଇଘାସ ଆଦି ଦ୍ୱାରା ହେଉଥିବା କଳା କାରିଗରିର କିପରି ପୁନରୁଦ୍ଧାର ହେବ ସେ ସମ୍ପର୍କରେ ସଚେତନ ହୋଇଥିଲେ। ବିଭିନ୍ନ ସରକାରୀ ସଂସ୍ଥା, ଶିକ୍ଷାନୁଷ୍ଠାନ ସାମାଜିକ ଦାୟିତ୍ୱବୋଧ, ସ୍ୱେଚ୍ଛାସେବୀ ସଙ୍ଗଠନର ସହଯୋଗରେ କେମିତି ଉଦ୍ୟୋଗବିକାଶ କରାଯିବ ସେ ନେଇ ମମତାରାଣୀ ବିଶିମାଝି ମହିଳାମାନଙ୍କୁ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଗୋଷ୍ଠୀର ୨୫ ଜଣ ସଦସ୍ୟା ଭାଗ ନେଇଥିଲେ। ଓଡ଼ିଶା ଜୀବିକା ମିଶନର ଗୋଷ୍ଠୀ ସାଧନ ବ୍ୟକ୍ତି ରାନୁ ସାମଲ ଏବଂ ତାଲିମ ଦାତା ଭାବେ ପ୍ରତିମା ମହାପାତ୍ର ଓ ସବିତା ମହାପାତ୍ର, ଅନୁଷ୍ଠାନ ତରଫରୁ ମହାଦେବ ଦାସ, ପଦ୍ମାଳୟା ବିଶିମାଝି ପ୍ରମୁଖ ସହଯୋଗ କରିଥିଲେ।

# ଅଗ୍ନି ଦୁର୍ଘଟଣା ରୋକିବାକୁ ପ୍ରଶିକ୍ଷଣ

ତାଲଚେର,୧୮।୯ (ମନୋଜ ନନ୍ଦ)

ତାଲଚେରସ୍ଥିତ ମହାନଦୀ କୋଲ ଫିଲ୍ଡସ୍ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ଅନନ୍ତ ବିହାର ଆନୁକୂଲ୍ୟରେ ତାଲଚେର ଅଗ୍ନିଶମ କେନ୍ଦ୍ର ଦ୍ୱାରା ଏକ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ଜ୍ୟୋତି ମିଶ୍ର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଗ୍ନି ଦୁର୍ଘଟଣା ବେଳେ ପ୍ରାଥମିକ ପଦକ୍ଷେପ କିପରି ନିଆଯାଇପାରିବ, ସେ ସମ୍ପର୍କରେ ଷ୍ଟେଶନ ଅଫିସର ଆର୍.କେ. ବେହେରା ତାଲିମ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତାଲଚେର ଅଗ୍ନିଶମ କେନ୍ଦ୍ରର ଅଲେଖ ବିହାରୀ ନାୟକ, ଆଶୁତୋଷ ମଲ୍ଲିକ, ରାଜେଶ ବେହେରା ଏବଂ ପ୍ରଶାନ୍ତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଅଞ୍ଜନ ମୁଦୁଲି ତାଲଚେର ଅଗ୍ନିଶମ କେନ୍ଦ୍ରର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।



ଅଗ୍ନିଶମ କେନ୍ଦ୍ର କର୍ମଚାରୀମାନେ କୌଶଳ ପ୍ରଦର୍ଶନ କରୁଛନ୍ତି।

# ବ୍ୟାନର ମାଧ୍ୟମରେ କରାଗଲା ସଚେତନ

କଣିହାଁ,୧୮।୯(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସିରେ ପିଆଇଡିପିଆଇ, ପ୍ରିଭେଣ୍ଟିଭ ଭିଜିଲାନ୍ସ ଏବଂ ଏପିଆର ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ପ୍ଲାଣ୍ଟ ଏବଂ ଟାଉନ୍‌ଶିପ୍ ଅଞ୍ଚଳର ପ୍ରମୁଖ ସ୍ଥାନଗୁଡ଼ିକରେ ବ୍ୟାନର ମାଧ୍ୟମରେ ଜନସାଧାରଣଙ୍କ ଆଗ୍ରହ ପ୍ରକାଶ ଏବଂ ସୂଚନା ପ୍ରଦାନକାରୀଙ୍କ ସୁରକ୍ଷା ସମ୍ପର୍କିତ ସଂକଳ୍ପ ଉପରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସେହିପରି ତାଳଚେର କଣିହାଁସ୍ଥିତ ଆଞ୍ଚଳିକ ଲର୍ନିଂ ଇନ୍‌ଷ୍ଟିଚ୍ୟୁଟ୍ (ଆର୍‌ଏଲ୍‌ଆଇ)ରେ ଗତ ୧୩ରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମ୍ପାନୀ ଇଡି ଏନ. ଶ୍ରୀନିବାସ ରାଓ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଏମ୍ (ଓଆଣ୍ଡଏମ) ଏ.କେ ସେହେଗେଲ, ଜିଏମ(ଏଡିଏମ୍) ଏସ୍. ରାମକ୍ରିଷ୍ଣ, ଜିଏମ୍ (ଏଫ୍‌ଏମ୍) ପ୍ରକାଶ କୁମାର, ଜିଏମ୍ (ମେଣ୍ଟେନାନ୍ସ) ଏ.ଜେ. ରାଜକୁମାରଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କଣିହାଁ ଏଜିଏମ୍(ଭିଜିଲାନ୍ସ) ଦୀପକ କୁମାର ପାତ୍ର ଉପସ୍ଥିତ ଥିଲେ।




ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

## ଟଙ୍କା ନ ଦେଇ ଆକ୍ରମଣ

ଛେଣ୍ଡିପଦା,୧୮।୯(ଅଜିତ ଧଳ)

ଜଳଖିଆ ଖାଇ ଟଙ୍କା ଦେବା ପରିବର୍ତ୍ତେ ଦୋକାନୀଙ୍କୁ ଗାଳିଗୁଲଜ ଓ ଆକ୍ରମଣ କରାଯାଇଥିବା ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୬୭/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିଛି, ଜାମୁଣ୍ଡାଜଙ୍ଗଲ ଗ୍ରାମର ରସାନନ୍ଦ ସାହୁଙ୍କ ଦୋକାନରୁ ଉକ୍ତ ଗ୍ରାମର ଯଶୋବନ୍ତ ପ୍ରଧାନ ଜଳଖିଆ ଖାଇଥିଲେ। ଜଳଖିଆ ଖାଇସରିବା ପରେ ଟଙ୍କା ନ ଦେବାରୁ ରସାନନ୍ଦ ଯଶୋବନ୍ତଙ୍କୁ ଟଙ୍କା ମାଗିଥିଲେ। ଯଶୋବନ୍ତ ଟଙ୍କା ନ ଦେଇ ଗାଳିଗୁଲଜ କରିବା ସହ ଏକ ବାଡିରେ ରସାନନ୍ଦଙ୍କୁ ପିଟିଥିଲେ। ଏପରିକି ଜୀବନରେ ମାରି ଦେବାକୁ ଧମକ ଦେଇଥିବା ରସାନନ୍ଦ ଏତଲାରେ ଦର୍ଶାଇଛନ୍ତି।

# ବାଲ୍ୟବିବାହ ରୋକିବା ଉପରେ ଗୁରୁତ୍ୱ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା ଓ ଅନ୍ୟମାନେ।

ବଇଣ୍ଡା,୧୮।୯(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଝରାବେରେଣୀ ହାଇସ୍କୁଲ ପରିସରରେ ସୋମବାର ବାଲ୍ୟବିବାହ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲ୍ୟବିବାହର କୁପରିଣାମ, ସାମାଜିକ ମୂଳୋତ୍ପାଟନ, ବାଲ୍ୟବିବାହ ନିଷେଧ ଆଇନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନତା କରାଯାଇଥିଲା। ଏଥିରେ କୋଅର୍ଡିନେଟର ପୂଜା ସ୍ୱାଇଁ ଯୋଗଦେଇ ଦେୟମୁକ୍ତ ଫୋନ ନମ୍ବର ୧୦୯୮ର ବ୍ୟବହାର ବିଷୟରେ ପରାମର୍ଶ ଦେଇଥିଲେ। କୈଳାଶ ସତ୍ୟାର୍ଥୀ ଚିଲଡ୍ରେନ୍ସ ଫାଉଣ୍ଡେଶନ ସହାୟତାରେ, କାର୍ଯ୍ୟନ୍ୱୟନ ସଂସ୍ଥା ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମ ଆକ୍ସେସ-ଟୁ ଜଷ୍ଟିସ ବାଲ୍ୟବିବାହ କ୍ଷେତ୍ରରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଶେଷରେ ବାଲ୍ୟବିବାହ ଏବଂ ଶିଶୁ ଶ୍ରମିକ ନିବାରଣ ପାଇଁ ଏକ ଶପଥ ପାଠ କରାଯାଇଥିଲା। ପ୍ରଧାନ ଶିକ୍ଷକ ରଞ୍ଜିତ ସାହୁ, ହିନ୍ଦୀ ଶିକ୍ଷୟିତ୍ରୀ କେତାଞ୍ଜଳି, ସଞ୍ଜୀବ ସେଠୀ, ଅମିତାଭ ପ୍ରଧାନ, ଅବନୀକାନ୍ତ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦୀପି ଦେହୁରୀ, ଜ୍ୟୋସ୍ମିତା ପ୍ରଧାନ, ଦୀପକ ସାହୁ ସହଯୋଗ କରିଥିଲେ।

# ମା' ମାହେଶ୍ୱରୀଙ୍କ ବାର୍ଷିକ ପୂଜା

ବଇଣ୍ଡା,୧୮।୯(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପାର ପ୍ରସିଦ୍ଧ ଠାକୁରାଣୀ ମା' ମାହେଶ୍ୱରୀଙ୍କ ବାର୍ଷିକ ପୂଜା ରବିବାର ପାଳିତ ହୋଇଯାଇଛି। ମା'ଙ୍କୁ ବାଜା ବାଣ ମାଧ୍ୟମରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଠାକୁରାଣୀଙ୍କ ପୀଠରେ ପୂଜକ ଲକ୍ଷ୍ମଣ ଦେହୁରୀ, ଅପି ଦେହୁରୀ ରୀତିନୀତି ଅନୁସାରେ ପୂଜା କରିଥିଲେ। ବିଭିନ୍ନ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ମା'ଙ୍କ ପୂଜାରେ ଯୋଗ ଦେଇଥିଲେ। ପ୍ରଦୀପ ବେହେରା, ସିପୁକାନ୍ତ ପରିଡା, ଜିତେନ୍ଦ୍ର ସାହୁ, ସଂସାର ସ୍ୱାଇଁ, ତରଣୀସେନ ସାହୁ, ଲଗେନ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



# ପ୍ରକଳ୍ପ ସରିଛି, ବିଲ୍ କରିବାକୁ ଅମଙ୍ଗ

**ଜିଲାପାଳଙ୍କଠାରେ ଅଭିଯୋଗ କଲେ ସରପଞ୍ଚ**

ବଇଣ୍ଡା,୧୮।୯(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତରେ ସରକାରଙ୍କ ଅନେକ ଯୋଜନାରେ କାମ ହେଉଥିଲେ ମଧ କେତେକ କାର୍ଯ୍ୟର ବିଲ୍ କରାଯାଉ ନ ଥିବା ଜଣାପଡିଛି। ଏ ନେଇ ଅଏଡା ସରପଞ୍ଚ ସୁଭାସିନୀ ସେଠୀ ସୋମବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

ଅଭିଯୋଗପତ୍ରରେ ସରପଞ୍ଚ ଦର୍ଶାଇଛନ୍ତି, ଅଏଡା ପଞ୍ଚାୟତରେ ପଞ୍ଚଦଶ ଅର୍ଥ କମିଶନଙ୍କ ଅର୍ଥରେ ବଡ଼ବନ୍ଧ ଅଙ୍ଗନୱାଡ଼ି ପାଚେରି, ବାଘୁଆ କଟା କଲଭର୍ଟ, ଅଏଡା ପଞ୍ଚାୟତ ଗୃହ ମରାମତି କାମ ଶେଷ ହୋଇଛି। ମାର୍ଚ୍ଚ ମାସରୁ କାମ ସରିଥିଲେ ମଧ ବ୍ଲକ ପ୍ରଶାସନ ପକ୍ଷରୁ ବିଲ୍ କରାଯାଉନାହିଁ। ଉକ୍ତ କାର୍ଯ୍ୟର ବିଲ୍ କରିବା ପାଇଁ ପଞ୍ଚାୟତ ପକ୍ଷରୁ ଚିଠି ନଂ. ୪୭ ତା ୩୧।୮।୨୦୨୩ ଓ ଚିଠି ନଂ. ୫୧ ତା ୭।୯।୨୦୨୩ରେ ଅବଗତ କରାଇଥିଲେ ମଧ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଫଳରେ ପଞ୍ଚାୟତରେ ବିକାଶ କାର୍ଯ୍ୟ ଠପ୍ ହୋଇପଡିଛି। କେତେଜଣ ନେତାଙ୍କ ଚାପରେ ପ୍ରଶାସନ ବିଲ୍ ନ କରି ହଇରାଣ କରୁଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସରପଞ୍ଚ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ବ୍ଲକ ସମ୍ମୁଖରେ ପଞ୍ଚାୟତବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଅଭିଯୋଗର ନକଲ ଆଠମଲ୍ଲିକ ଉପ ଜିଲାପାଳ, ୫-ଟି ସଚିବ, ପଞ୍ଚାୟତିରାଜ ବିଭାଗ ସଚିବଙ୍କୁ ପ୍ରଦାନ କରାଯାଇଛି। ଏ ନେଇ ଆଠମଲ୍ଲିକ ବିଡିଓ ସୌଭାଗ୍ୟ ବେହେରାଙ୍କୁ ପଚାରିବାରୁ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡାଇ ଯାଇଥିଲେ।



ଅଏଡ଼ା ପଞ୍ଚାୟତରେ ନିର୍ମାଣ ହୋଇଥିବା ବାଘୁଆ କଟା କଲଭର୍ଟ।

# ଉତ୍ତମ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ

କଣିହାଁ,୧୮।୯(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ସୋମବାର ରୋଗୀ କଲ୍ୟାଣ ସମିତିର ୨୨ ତମ ପରିଚାଳନା ବୈଠକ ଅନୁଷ୍ଠିତ ହୋଇଯାଇଛି। ତାଲଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ବିଡିଓ ଦେବଦତ୍ତ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ପରିଚାଳନା ସମିତିର ଅନେକ ସଦସ୍ୟ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଜନସ୍ୱାସ୍ଥ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ ଯୋଗଦେଇଥିଲେ। ଏଥିରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଡାକ୍ତର ଅଳକା ସାମଲ, ସୂର୍ଯ୍ୟକାନ୍ତ ସାହୁ, ଆଶୁତୋଷ ସ୍ୱାଇଁ, ଆୟୁଷ ଡାକ୍ତର ରାକେଶ ମହାରଣା, ବିପିଏମ୍ ସରୋଜ ଦାସ, ବିତ୍ତୀୟ ଆକାଉଣ୍ଟ ଅଧିକାରୀ ବବୁଲ ବେହେରା, ଜିତେନ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ରୋଗୀ କଲ୍ୟାଣ ସମିତି ବୈଠକରେ ବିଧାୟକଙ୍କ ସମେତ ଅନ୍ୟମାନେ।

